


# କ୍ଷେତ୍ରଫଳ ଧାରଣା



ସୁନୀଲ ବାବୁଙ୍କ ଦୁଇ ଝିଅ ଲକି ଓ ଲୀନା । ଘରେ ଗୋଟିଏ କୁକୁର ଓ ଗୋଟିଏ ବିଲେଇ ପୋଷିଥିଲେ । କୁକୁରଟିର ଯତ୍ନ ନିଏ ଲକି ଓ ବିଲେଇଟିକୁ ଅତି ଆଦର କରେ ଲୀନା । ରଜପର୍ବରେ ବାପାଙ୍କ ନିକଟରେ ଲକି ଓ ଲୀନା ଅଳି କଲେ, ସେମାନଙ୍କ ପାଇଁ ପୋଷାକ କିଣାଯିବା ବେଳେ କୁକୁର ଓ ବିଲେଇ ପାଇଁ କପଡ଼ା କିଣାଯିବ । କୁକୁର ଓ ବିଲେଇ ପାଇଁ କେତେ କପଡ଼ା ଦରକାର ଦରଜୀ ଡକାଇ ମାପ ନେଲେ ସୁନୀଲ ବାବୁ ।

ଏବେ କହ - କାହା ପାଇଁ ଅଧିକ କପଡ଼ା ଲାଗିବ ?

- କୁକୁର ପାଇଁ କାହିଁକି ଅଧିକ କପଡ଼ା ଲାଗିବ ?



ରଜପର୍ବ ପାଖେଇ ଆସିଲା । ସୁନୀଲ ବାବୁ ଝିଅ ଦୁଇଜଣଙ୍କ ପାଇଁ ପୋଷାକ, ପାଉଡ଼ର, ଟିକିଲି, ନଖପାଲିସ୍ ଇତ୍ୟାଦି କିଣି ଆଣିଲେ । ଟିକିଲି ପ୍ୟାକେଟ୍ ଦେଖି ଲୀନା ଅଧିକ ଟିକିଲି ନେବା ପାଇଁ ଅଳି କଲା । ବାପା କହିଲେ- ''ତୁମେ ଦୁହେଁ ନିଜ ନିଜର ବାମ ହାତ ପାପୁଲିରେ ଟିକିଲିଗୁଡ଼ିକ ଲଗାଲଗି କରି ସଜାଇ ରଖ । ଯାହା ପାପୁଲିରେ ଅଧିକ ଟିକିଲି ରହିବ ସେ ଅଧିକ ଟିକିଲି ନେବ ।''



ଲକି


ଲୀନା

ଚିତ୍ର ଦେଖି କହ-

- କିଏ ଅଧିକ ଟିକିଲି ନେଇଥିବ ?
- କିଏ କମ୍ ଟିକିଲି ନେଇଥିବ ?
- ଲୀନା କମ୍ ଟିକିଲି ପାଇଲା କାହିଁକି ?

ଖରାଛୁଟି ବେଳେ ବାପା କହିଥିଲେ, ''ତୁମେ ଯଦି ରଜ ପୂର୍ବରୁ ବଗିଚାରୁ ଘାସ ସଫା କରିଦେବ, ତେବେ ରଜ ବେଳକୁ ତୁମେ ଯାହା କହିବ କିଣି ଆଣିବି।'' ଖରାଛୁଟିରେ ଲକି, ଲୀନା, ମା ଓ ବାପା ମିଶି ଛଅ ଦିନରେ ବଗିଚାରୁ ଘାସ ସଫା କଲେ। ଲକି ଓ ଲୀନା ବଗିଚାରୁ ସଫା କରିଥିବା ସ୍ଥାନର ଚିତ୍ର ନିମ୍ନରେ ଦିଆଯାଇଛି।




ଉପରେ ଦିଆଯାଇଥିବା ଘାସ ସଫା ସ୍ଥାନକୁ ଦେଖ। କେଉଁ ଦିନ କିଏ ଅଧିକ ସ୍ଥାନରୁ ଘାସ ସଫା କରିଛନ୍ତି ଲେଖ।



| | କିଏ ଅଧିକ ସ୍ଥାନରୁ ଘାସ ସଫା କରିଛି ? |
|---|---|
| ୧ମ ଦିନ | |
| ୨ୟ ଦିନ | |
| ୩ୟ ଦିନ | |
| ୪ର୍ଥ ଦିନ | |
| ୫ମ ଦିନ | |
| ୬ଷ୍ଠ ଦିନ | |






**ଆମେ ଜାଣିଛୁ,**

- ଏକ ଆବଦ୍ଧ କ୍ଷେତ୍ର ମାଡ଼ି ବସିଥିବା ଜାଗା ବା ତା'ର ଭିତର ଅଂଶକୁ ତା'ର **କ୍ଷେତ୍ରଫଳ** କହନ୍ତି ।
- ଦୁଇଟି ସମାନ ଆକୃତି ବିଶିଷ୍ଟ ଚିତ୍ର ମଧ୍ୟରୁ ଯାହାର ଆକାର ବଡ଼ ତା'ର କ୍ଷେତ୍ରଫଳ ଅଧିକ ହେବ ।

ଲୀନା କହିଲା- ''ବାପା, ଆମେ କିଏ କେତେ ଅଧିକ ବା କମ୍ ସ୍ଥାନରୁ ଘାସ ସଫାକଲୁ ତାହା ଜାଣିପାରୁ ନାହୁଁ ।''

ବାପା ଗ୍ରାଫ୍ କାଗଜ ଆଣିଲେ ଓ ଚିତ୍ର କରିବାକୁ ଲାଗିଲେ ।



ପୂର୍ବପୃଷ୍ଠାରେ ଥିବା ଗ୍ରାଫ୍ କାଗଜକୁ ଦେଖ ଓ ତଳ ସାରଣୀଟିକୁ ପୂରଣ କର ।


| ଚିତ୍ର ଯୋଡ଼ା | 'କ' ଚିତ୍ରରେ ଥିବା ଘରସଂଖ୍ୟା | 'ଖ' ଚିତ୍ରରେ ଥିବା ଘରସଂଖ୍ୟା | କେଉଁ ଚିତ୍ରରେ ଅଧିକ ଘର ଅଛି ? | କେତୋଟି ଅଧିକ ଘରଅଛି ? |
|---|---|---|---|---|
| ୧ମ | | | | |
| ୨ୟ | | | | |
| ୩ୟ | | | | |
| ୪ର୍ଥ | | | | |

ଗୋଟିଏ ବର୍ଗ କ୍ଷେତ୍ରର ପ୍ରତ୍ୟେକ ବାହୁର ଦୈର୍ଘ୍ୟ ୧ ସେ.ମି. ହେଲେ ତା'ର କ୍ଷେତ୍ରଫଳ ୧ ବର୍ଗ ସେ.ମି. ହୁଏ ।

## ତୁମ ପାଇଁ କାମ



ନିମ୍ନରେ ଗ୍ରାଫ୍ କାଗଜରେ ବିଭିନ୍ନ ପ୍ରକାରର ଡାକଟିକଟର ଚିତ୍ର ହୋଇଛି । ପ୍ରତ୍ୟେକ ଡାକଟିକଟର କ୍ଷେତ୍ରଫଳ ତା'ର ତଳେ ଲେଖ ।



## ପତ୍ରଟିର କ୍ଷେତ୍ରଫଳ ନିର୍ଣ୍ଣୟ କରିବା-

ନିମ୍ନରେ ଗୋଟିଏ ଗ୍ରାଫ୍ କାଗଜ ଉପରେ ପତ୍ରର ଚିତ୍ର ହୋଇଛି । ପତ୍ରଟି କେତେ ସ୍ଥାନ ଅଧିକାର କରିଛି ତା'ର ମାପର ପରିମାଣକୁ (କ୍ଷେତ୍ରଫଳ) ଲେଖ ।



(କ) ପତ୍ରଟି ଅଧିକାର କରିଥିବା ସ୍ଥାନରେ କେତୋଟି ପୂରାଘର ଅଛି ? ____________

(ଖ) ପତ୍ରଟି ଅଧିକାର କରିଥିବା ସ୍ଥାନରେ କେତୋଟି ଅଧାଘର ଅଛି ? ____________

(ଗ) ପତ୍ରଟି ଅଧିକାର କରିଥିବା ସ୍ଥାନରେ କେତୋଟି ଅଧାରୁ ବେଶୀ ଥିବା ଘର ଅଛି ? ____________

(ଘ) ପତ୍ରଟି ଅଧିକାର କରିଥିବା ସ୍ଥାନରେ କେତୋଟି ଅଧାରୁ କମ୍ ଥିବା ଘର ଅଛି ? ____________



**ଜାଣିଛ କି ?**

- ଗ୍ରାଫ୍ କାଗଜରେ ଦୁଇଟି ଅଧା ଘର ଅଧିକାର କରିଥିବା ସ୍ଥାନକୁ ଗୋଟିଏ ଘର ଭାବରେ ନିଆଯାଏ ।
- ଗ୍ରାଫ୍ କାଗଜରେ ଅଧାରୁ ବେଶୀ ସ୍ଥାନ ଅଧିକାର କରିଥିବା ଘରକୁ ପୂର୍ଣ୍ଣଘର ଭାବରେ ନିଆଯାଏ ଓ ଅଧାରୁ କମ ସ୍ଥାନ ଅଧିକାର କରିଥିବା ଘରକୁ ହିସାବକୁ ନିଆଯାଏ ନାହିଁ ।

ହିସାବ କରି ପତ୍ରର କ୍ଷେତ୍ରଫଳ ନିର୍ଣ୍ଣୟ କର ।

**ତୁମ ପାଇଁ କାମ**




- ଗୋଟିଏ ବର ପତ୍ର ଓ ଗୋଟିଏ ଅଶ୍ୱତ୍ଥ ପତ୍ର ସଂଗ୍ରହ କର ।
- ପ୍ରତ୍ୟେକକୁ ଗ୍ରାଫ୍ କାଗଜ ଉପରେ ରଖ (ଗ୍ରାଫ କାଗଜ ନ ଥିଲେ ସାଧା କାଗଜରେ ଗାର ଟାଣି ଗ୍ରାଫ୍ କାଗଜ ଭଳି ତିଆରି କର) ।
- ପତ୍ରର ଧାରରେ ପେନ୍‌ସିଲରେ ଗାର ଟାଣି କେଉଁ ପତ୍ରର କ୍ଷେତ୍ରଫଳ ଅଧିକ ହେଲା ଲେଖ ।

ଲକି ବାପାଙ୍କୁ ପଚାରିଲା- ''ବାପା, ଏପରି ଗୋଟି ଗୋଟି ନ ଗଣି କ୍ଷେତ୍ରଫଳ ନିର୍ଣ୍ଣୟ କରିବା କିପରି ?''

ବାପା କହିଲେ- ''ହଁ, କେତେକ କ୍ଷେତ୍ରରେ ଘରଗୁଡ଼ିକୁ ନ ଗଣି ମଧ୍ୟ କ୍ଷେତ୍ରଫଳ ସହଜରେ ନିର୍ଣ୍ଣୟ କରିହେବ ।''

ବାପା ଗୋଟିଏ କାଠ ପଟା ଆଣିଲେ । ସେଥିରେ ଗ୍ରାଫ୍ କାଗଜ ପରି ଘର ତିଆରି କଲେ ଓ ଛୋଟ ଛୋଟ କଣ୍ଟା ବାଡ଼େଇ ଦେଲେ । ମୁଣ୍ଡରେ ବନ୍ଧା ଯାଉଥିବା ରବର ଆଣିବାକୁ ଲକି କୁ କହିଲେ ।

ବାପା କହିଲେ- ''ଦେଖ, ମୁଁ କେମିତି ରବର ଲଗାଇ ବିଭିନ୍ନ ଆକୃତିର ଆୟତକ୍ଷେତ୍ର ତିଆରି କରୁଛି ।''





ଉପର ଚିତ୍ରଦେଖି ତଳେ ଦିଆଯାଇଥିବା ସାରଣୀ ପୂରଣ କର ।

| କ୍ଷେତ୍ରର ନାମ | କ୍ଷେତ୍ରଟିରେ କେତୋଟି କୋଠରି ଅଛି ? | କ୍ଷେତ୍ରର କ୍ଷେତ୍ରଫଳ କେତେ ? | କ୍ଷେତ୍ରର ଦୈର୍ଘ୍ୟ | କ୍ଷେତ୍ରର ପ୍ରସ୍ଥ | ଦୈର୍ଘ୍ୟ × ପ୍ରସ୍ଥ |
|---|---|---|---|---|---|
| | | | | | |
| | | | | | |
| | | | | | |
| | | | | | |

## ତୁମ ପାଇଁ କାମ



ଏଠାରେ ୧ ସେ.ମି. ବାହୁ ବିଶିଷ୍ଟ ତିନୋଟି ଛୋଟ ବର୍ଗଚିତ୍ରକୁ ଏକାଠି କରାଯାଇ କଖଗଘ ଆୟତକ୍ଷେତ୍ର ହୋଇଛି ।





- ପ୍ରତି କୋଠରି ଚିତ୍ରିତ ସ୍ଥାନର ପରିମାଣ କେତେ ?
- ତିନୋଟି କୋଠରିର ଚିତ୍ରିତ ସ୍ଥାନର ପରିମାଣ କେତେ ?
- ତିନୋଟି କୋଠରି ବିଶିଷ୍ଟ କଖଗଘ ଆୟତକ୍ଷେତ୍ରର କ୍ଷେତ୍ରଫଳ କେତେ ?
- ଆୟତକ୍ଷେତ୍ରଟିର ଦୈର୍ଘ୍ୟ କେତେ ?
- ଆୟତକ୍ଷେତ୍ରଟିର ପ୍ରସ୍ଥ କେତେ ?
- ଆୟତ କ୍ଷେତ୍ରଟିର ଦୈର୍ଘ୍ୟ × ପ୍ରସ୍ଥ = କେତେ ?



ଜାଣିଛ କି ?

ଆୟତ କ୍ଷେତ୍ରର କ୍ଷେତ୍ରଫଳ = ଦୈର୍ଘ୍ୟ × ପ୍ରସ୍ଥ

ନିମ୍ନରେ ୧ ସେ.ମି. ବିଶିଷ୍ଟ ୧୫ଟି ଛୋଟ କୋଠରିକୁ ଏକାଠି ରଖାଯାଇ ପଫବଭ ଆୟତକ୍ଷେତ୍ର ହୋଇଛି ।




- ପ୍ରତି ଛୋଟ କୋଠରିର କ୍ଷେତ୍ରଫଳ କେତେ ?
- ୧୫ଟି କୋଠରିର କ୍ଷେତ୍ରଫଳ କେତେ ?
- ପଫବଭ କ୍ଷେତ୍ରଟିର ଦୈର୍ଘ୍ୟ କେତେ ?
- ପଫବଭ କ୍ଷେତ୍ରଟିର ପ୍ରସ୍ଥ କେତେ ?
- କ୍ଷେତ୍ରଟିର ଦୈର୍ଘ୍ୟ × ପ୍ରସ୍ଥ = କେତେ ?



**ମନେରଖ:** ଗୋଟିଏ ଆୟତ କ୍ଷେତ୍ରର ଦୈର୍ଘ୍ୟ × ପ୍ରସ୍ଥ = କ୍ଷେତ୍ରଫଳ

କ୍ଷେତ୍ରଫଳକୁ ବର୍ଗ ଏକକରେ ପ୍ରକାଶ କରାଯାଏ ଯଥା- ବର୍ଗ ସେ.ମି., ବର୍ଗ ମିଟର ଇତ୍ୟାଦି ।

## ତୁମ ପାଇଁ କାମ



ତୁମ ଗଣିତ ବହି, ଖାତା, ଶ୍ରେଣୀରେ ଥିବା ଟେବୁଲ ଓ କଳାପଟା ଇତ୍ୟାଦିର କ୍ଷେତ୍ରଫଳ ନିର୍ଣ୍ଣୟ କର ।


| ଜିନିଷର ନାମ | ଦୈର୍ଘ୍ୟ | ପ୍ରସ୍ଥ | କ୍ଷେତ୍ରଫଳ |
|---|---|---|---|
| | | | |
| | | | |
| | | | |
| | | | |

ଲକି କହିଲା- ''ବାପା, ଏବେ ବହୁତ ସହଜ ହୋଇଗଲା । କଳାପଟା, ଚଟାଣ, ଟେବୁଲ କୁ ଆମେ ଛୋଟ ଛୋଟ ଘର କରି ମାପି ପାରି ନଥାନ୍ତେ । କିନ୍ତୁ ବର୍ତ୍ତମାନ ଏସବୁର କ୍ଷେତ୍ରଫଳ ଆମେ ସହଜରେ ପାଇପାରିବା ।''

ଲକି ପଚରିଲା- "ବାପା, ଯଦି ଚଟାଣଟି ବର୍ଗକ୍ଷେତ୍ର ହୋଇଥାନ୍ତା ତେବେ କ'ଣ କ୍ଷେତ୍ରଫଳ = ଦୈର୍ଘ୍ୟ x ପ୍ରସ୍ଥ ହୋଇଥାନ୍ତା ?"

ବାପା କହିଲେ- ''ଆସ, ପରୀକ୍ଷା କରି ଦେଖିବା ।''

କଣ୍ଟା ପଟାରେ ବାପା ରବରଗୁଡ଼ିକୁ ଲଗାଇଲେ, ଯେପରିକି ବର୍ଗକ୍ଷେତ୍ର ହୋଇପାରିବ ।




| କ୍ଷେତ୍ରର ନାମ | କ୍ଷେତ୍ରଟିର ଦୈର୍ଘ୍ୟ | କ୍ଷେତ୍ରଟିର ପ୍ରସ୍ଥ | ଦୈର୍ଘ୍ୟ × ପ୍ରସ୍ଥ | କ୍ଷେତ୍ରଟିର କ୍ଷେତ୍ରଫଳ |
|---|---|---|---|---|
| କ | | | | |
| ଖ | | | | |
| ଗ | | | | |



**ମନେରଖ**

- ବର୍ଗକ୍ଷେତ୍ରର ପ୍ରତ୍ୟେକ ବାହୁ ସମାନ ହୋଇଥିବାରୁ ଏହାର କ୍ଷେତ୍ରଫଳକୁ ଦୈର୍ଘ୍ୟ × ପ୍ରସ୍ଥ ଆକାରରେ ନ ଲେଖି କ୍ଷେତ୍ରଫଳ = (ବାହୁ × ବାହୁ ) ବର୍ଗ ଏକକଭାବେ ଲେଖାଯାଏ ।
- ଗୋଟିଏ କ୍ଷେତ୍ରର କ୍ଷେତ୍ରଫଳ ଲେଖିଲାବେଳେ ବର୍ଗ ଏକକ ଲେଖିବାକୁ ଭୁଲିବ ନାହିଁ ଯେପରି - ୪ ବର୍ଗ ସେ.ମି., ୫ ବର୍ଗ ସେ.ମି., ୧୦ ବର୍ଗ ମିଟର, ୫୦ ବର୍ଗ ମିଟର ଇତ୍ୟାଦି ।

ଲକି କହିଲା- ''ବାପା, ଏଥର ମୁଁ କଳାପଟା, ଚଟାଣ, ବହି, ଖାତା, ଶାଗ ପଟାଳି ଇତ୍ୟାଦିର କ୍ଷେତ୍ରଫଳ ନିର୍ଣ୍ଣୟ କରିପାରିବି ।''

ବାପା କହିଲେ- ''ହଁ, ଠିକ୍ ଅଛି, ଟିକେ ବର୍ଷା ହୋଇଗଲେ ଆମେ ବଗିଚାକୁ କେତେକ ପଟାଳିରେ ଭାଗ କରି ଦେବା ଓ ବିଭିନ୍ନ ପ୍ରକାରର ଶାଗ ମଞ୍ଜି ବୁଣିବା । ତୁମେ ସବୁ ପଟାଳିର କ୍ଷେତ୍ରଫଳ ନିର୍ଣ୍ଣୟ କରିବ ।''

ବାପା ପୁଣି କହିଲେ-''ମୁଁ ଚାହୁଁଛି, ଆମେ କେତେ ବଡ଼ ଶାଗ ପଟାଳି କରିବା ଆଗରୁ ସ୍ଥିର କରିନେବା ।''

ଲୀନା କହିଲା- ''ବାପା, ଆମେ ୧୬ ବର୍ଗ ସେ.ମି. ର ଏକ ପଟାଳି ନେବା ଓ ସେଥିରେ କୋଶଳା ଶାଗ ମଞ୍ଜି ବୁଣିବା ।''

ଲକି କହିଲା- ''୧୬ ବର୍ଗ ସେ.ମି. ଏତେ ଛୋଟ ଯେ ସେଥିରେ ଶାଗ ଚାଷ କରିବା ସମ୍ଭବ ନୁହେଁ । ଆମେ ୧୬ ବର୍ଗ ମିଟରର ଶାଗ ପଟାଳି ତିଆରି କରିବା ।''

ବାପା କହିଲେ- ''ଠିକ୍ ଅଛି, ଆମେ ୧୬ ବର୍ଗ ମିଟର ସ୍ଥାନରେ କୋଶଳା ଶାଗ ଓ ୩୬ ବର୍ଗ ମିଟର ସ୍ଥାନରେ ଲେଉଟିଆ ଶାଗ ମଞ୍ଜି ବୁଣିବା ।''

ଆସ ସ୍ଥିର କରିବା, ଏହାର ଦୈର୍ଘ୍ୟ ଓ ପ୍ରସ୍ଥ କେତେ ନେବା ।

୧୬ ମିଟର

୧ମି



ଲକି- ''ବାପା, ଏତେ ବହୁତ ଲମ୍ବା ହୋଇଯାଇଛି ।''

୮ ମିଟର

୨ମି




ଲକି- ''ହଁ ବାପା, ଏଇଟା ଠିକ୍ ହେବ । ଘାସ ବଛା ବଛି କରିବାକୁ ସୁବିଧା ହେବ ।''

ବାପା କହିଲେ- ''ଆଉ କିପରି ହୋଇପାରିବ ଚିନ୍ତା କର ।''

ଲକି ଛବି ତିଆରି କଲା ।






ଲକି- "ବାପା ! ଏଇଟା ତ ବର୍ଗକ୍ଷେତ୍ରଟିଏ ହୋଇଗଲା ।"

ବାପା- "ହଁ, ଏହାର ପ୍ରତ୍ୟେକ ବାହୁ ୪ମିଟର ଅଟେ ।"


ଲକି- " ବାପା ! ଏତେ ପ୍ରକାରରେ ହୋଇପାରୁଛି । ଆମେ କେଉଁ ପ୍ରକାରରେ ତିଆରି କରିବା ?"

ବାପା- "ଆମେ ଶାଗ ପଟାଳି ତିଆରି କଲା ବେଳେ ସ୍ଥିର କରିବା ।"

ଏବେ ତୁମେ ଚିତ୍ରକରି ୩୬ ବର୍ଗମିଟର କ୍ଷେତ୍ରଫଳ ହେଉଥିବା ବିଭିନ୍ନ ଆକାରର କ୍ଷେତ୍ରକୁ ଦେଖାଅ ।


## ଅଭ୍ୟାସ

୧.




ଏହି ଚିତ୍ରଟିକୁ ସଂପୂର୍ଣ୍ଣ କର ଓ ଏହାର କ୍ଷେତ୍ରଫଳକୁ କୋଠରି ସଂଖ୍ୟାରେ ଲେଖ ।

୨.




ଏହି ଚିତ୍ରଟିର ପ୍ରତ୍ୟେକ ଛୋଟ ଘରର କ୍ଷେତ୍ରଫଳ ୧ ବର୍ଗ ସେ.ମି. । ଚିତ୍ରଟିକୁ ସଂପୂର୍ଣ୍ଣ କର, ଯେପରିକି ଚିତ୍ରଟିର କ୍ଷେତ୍ରଫଳ ୯ ବର୍ଗ ସେ.ମି. ହେବ ।

୩. କେଉଁ କ୍ଷେତ୍ରଟିର କ୍ଷେତ୍ରଫଳ ଅଧିକ ଲେଖ (ସ୍କେଲ ସାହାଯ୍ୟରେ ଦୈର୍ଘ୍ୟକୁ ମାପି ପାର) ।



୪. ଆସ, ନିମ୍ନ କ୍ଷେତ୍ରଗୁଡ଼ିକର କ୍ଷେତ୍ରଫଳ ନିର୍ଣ୍ଣୟ କରିବା ଓ ସେହି ଚିତ୍ର ତଳେ ଦିଆଯାଇଥିବା କୋଠରିରେ ଲେଖିବା ।




(୧ମ) ୨ୟ ୩ ୟ ୪ର୍ଥ

୫. ଗୋଟିଏ ଆୟତଚିତ୍ରର ସୀମାରେଖା ଉପରେ ଗୋଟିଏ କଣରୁ ଆରମ୍ଭ କରି ୧ ସେ.ମି. ବ୍ୟବଧାନରେ ବିନ୍ଦୁ ଦିଆଗଲା । ପରସ୍ପର ବିପରୀତ ବିନ୍ଦୁଗୁଡ଼ିକୁ ଯୋଗ କରିବା ଦ୍ୱାରା ଉତ୍ପନ୍ନ କ୍ଷୁଦ୍ର କୋଠରିଗୁଡ଼ିକର ସଂଖ୍ୟା ୩୦ ହେଲା । ସେହି କ୍ଷେତ୍ରର ଲମ୍ବ ଓ ପ୍ରସ୍ଥ କେତେ ହୋଇଥାଇପାରେ ?

(କ) ____________ ଓ____________


(ଖ) ____________ ଓ____________


(ଗ) ____________ ଓ____________

୬. (କ) ଗୋଟିଏ ବର୍ଗାକୃତି ପଡ଼ିଆର ପ୍ରତ୍ୟେକ ବାହୁର ଦୈର୍ଘ୍ୟ ୬ ମି. ହେଲେ, ଏହାର କ୍ଷେତ୍ରଫଳ କେତେ ?

(ଖ) ଗୋଟିଏ ବର୍ଗାକୃତି ପଡ଼ିଆର କ୍ଷେତ୍ରଫଳ ୪୯ ବର୍ଗମିଟର ହେଲେ, ସେହି କ୍ଷେତ୍ରର ପ୍ରତ୍ୟେକ ବାହୁର ଦୈର୍ଘ୍ୟ କେତେ ?

୭. ତଳେ ଦିଆଯାଇଥିବା କ୍ଷେତ୍ର ଦୁଇଟିକୁ ଲକ୍ଷ୍ୟ କର ଓ ତଳେ ଦିଆଯାଇଥିବା ଖାଲିସ୍ଥାନ ପୂରଣ କର । ପ୍ରତ୍ୟେକ ଛୋଟ କୋଠରିର ଦୈର୍ଘ୍ୟ ୧ ସେ.ମି. ଓ ପ୍ରସ୍ଥ ୧ ସେ.ମି. ।





'କଖଗଘ'ର ପରିସୀମା କେତେ ? ______


'କଖଗଘ'ର କ୍ଷେତ୍ରଫଳ କେତେ ? ______

'ଚଛଜଝ'ର ପରିସୀମା କେତେ ? ______

'ଚଛଜଝ'ର କ୍ଷେତ୍ରଫଳ କେତେ ? ______

୮. ତଳେ ଦିଆଯାଇଥିବା କ୍ଷେତ୍ର ଦୁଇଟିକୁ ଲକ୍ଷ୍ୟ କର ଓ ତଳେ ଦିଆଯାଇଥିବା ଖାଲିସ୍ଥାନ ପୂରଣ କର । ପ୍ରତ୍ୟେକ ଛୋଟ କୋଠରିର ପ୍ରତ୍ୟେକ ବାହୁର ଦୈର୍ଘ୍ୟ ୧ ସେ.ମି. ।





ପରିସୀମା କେତେ ? ______

କ୍ଷେତ୍ରଫଳ କେତେ ? ______

ପରିସୀମା କେତେ ? ______

କ୍ଷେତ୍ରଫଳ କେତେ ? ______

କ'ଣ ଲକ୍ଷ୍ୟ କରୁଛ ଲେଖ ?

୯. (କ) ସମାନ କ୍ଷେତ୍ରଫଳ ଓ ଅସମାନ ପରିସୀମା ବିଶିଷ୍ଟ ଦୁଇଟି କ୍ଷେତ୍ରର ଚିତ୍ର ଗ୍ରାଫ୍ କାଗଜରେ ତିଆରି କର ।

(ଖ) ସମାନ ପରିସୀମା କିନ୍ତୁ ଭିନ୍ନ କ୍ଷେତ୍ରଫଳ ବିଶିଷ୍ଟ କ୍ଷେତ୍ର ଅଙ୍କନ ସମ୍ଭବ କି ? ଯଦି ହଁ, ତେବେ ତାହାକୁ ଗ୍ରାଫ୍ କାଗଜରେ ଦେଖାଅ ।